**କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ଆଖଡାସାହି କ୍ରିକର ପୁନରୁଦ୍ଧାର ଏବଂ ବାହାକୁଦ ଗ୍ରାମଠାରୁ ସଂଯୋଗ ନାଳୀ ନିର୍ମାଣ ପ୍ରକଳ୍ପ ନିମନ୍ତେ ତା-୦୮.୦୨.୨୦୨୨ ଦିବା ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ହୋଇଥିବା ଚୁଡାନ୍ତ ସାମାଜିକ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ବିବରଣୀ ।**

ଜିଲ୍ଲାପାଳ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ଆଖଡାସାହି କ୍ରୀକର ପୁନରୁଦ୍ଧାର ଏବଂ ବାହାକୁଦ ଗ୍ରାମଠାରୁ ସଂଯୋଗ ନାଳୀ ନିର୍ମାଣ ପ୍ରକଳ୍ପ ନିମନ୍ତେ ମହାକାଳପଡା ତହସିଲ ଅନ୍ତର୍ଗତ ବାହାକୁଦ ମୌଜାରୁ ଏ୧୭.୪୭୦ ପରିମାଣର ଜମି ଅଧିଗ୍ରହଣ ହେବାକୁ ଥିବା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାଙ୍କନ ପାଇଁ ୭(୧) ଧାରା ଅନୁଯାୟୀ ସରକାରଙ୍କ ନିକଟକୁ ଏକ ସୁପରିଶ ପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଏକ୍ସପର୍ଟ ଗ୍ରୁପ (ବିଶେଷଜ୍ଞ କମିଟି) ସଦସ୍ୟମାନେ ତା୦୮.୦୨.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ସଭାଗୃହରେ ଏକତ୍ରିତ ହୋଇ ଆଲୋଚନା କରିଥିଲେ । ସମ୍ପ୍ରତି ଓଡିଶାର ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି । ସେଥିନିମନ୍ତେ ଜିଲ୍ଲାରେ ଆବଶ୍ୟକ ହେବାକୁ ଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ହୋଇଥିବା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଏବଂ ଓଡିଶା ସରକାରଙ୍କ ଦ୍ୱାରା ତତପକ୍ଷେ ପ୍ରଣୀତ ନିୟମାବଳୀ ୨୦୧୬ ରୁଲ ୧୫ ଅନୁଯାୟୀ ୧ ଗୋଟି ଗ୍ରାମ-ବାହାକୁଦ ପ୍ରଭାବିତ ହେଉଥିବାରୁ ଏହାର ସାମାଜିକ, ଅର୍ଥନୈତିକ ଓ ବୈଷୟିକ ଦିଗ ପ୍ରତି ଦୃଷ୍ଟି ଦେଇ ବିଶେଷ ବିବରଣୀ ପ୍ରସ୍ତୁତ କରାଯାଇ ଆଲୋଚନା କ୍ରମେ ସାମାଜିକ ଅଧ୍ୟୟନ ତଥା ସର୍ବେକ୍ଷଣ ନିଷ୍କର୍ଷ ଉପସ୍ଥାପନ ହୋଇଥିଲା ।

<u>ସଭାରେ ଉପସ୍ଥିତ ଥିବା ସଦସ୍ୟ</u>

| କ୍ର ନଂ | ନାମ | ପଦବୀ |
|---|---|---|
| ୧ | ଶ୍ରୀଯୁକ୍ତ ଦୂର୍ଗା ପ୍ରସାଦ ମହାରଣା, ଓ. ଏ.ଏସ (ଏସ) | ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ତଥା ଅଧ୍ୟକ୍ଷ |
| ୨ | ଶ୍ରୀଯୁକ୍ତ ନିରଞ୍ଜନ ବେହେରା , ଓ. ଏ.ଏସ (ଏସ) | ଉପ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ତଥା ଆବାହକ |
| ୩ | ଶ୍ରୀ ବୈକୁଣ୍ଠ ନାଥ ପରିଡା, (ଅବସରପ୍ରାପ୍ତ ଅଧ୍ୟକ୍ଷ) | ସୋସିଆଲ ସାଇଣ୍ଟିଷ୍ଟ |
| ୪ | ଶ୍ରୀ ଉପେନ୍ଦ୍ର କୁମାର ପ୍ରଧାନ, (ଅବସରପ୍ରାପ୍ତ ଅଧ୍ୟକ୍ଷ) | ସୋସିଆଲ ସାଇଣ୍ଟିଷ୍ଟ |
| ୫ | ଶ୍ରୀ ଗୁରୁଚରଣ ମହାପାତ୍ର, (ଅବସରପ୍ରାପ୍ତ ଓ. ଏ.ଏସ) | ଏକ୍ସପର୍ଟ ଅନ ରିହାବିଲିଟେସନ |
| ୬ | ଶ୍ରୀ ଜଗମୋହନ ହୋତା ,(ଅବସରପ୍ରାପ୍ତ ଓ.ଆର.ଏସ) | ଏକ୍ସପର୍ଟ ଅନ ରିହାବିଲିଟେସନ |
| ୭ | ଅଧୀକ୍ଷଣ ଯନ୍ତ୍ରୀ, ଆଳି ତଟ ବନ୍ଧ ଡିଭିଜନ, ଆଳି | ଟେକନିକାଲ ଏକ୍ସପର୍ଟ |
| ୮ | ଶ୍ରୀ ରାଜେନ୍ଦ୍ର କୁମାର ଆଚାର୍ଯ୍ୟ। ଓ.ଏ.ଏସ.(ଜେ.ବି.) | ଭୂ-ଅର୍ଜନ ଅଧିକାରୀ , କେନ୍ଦ୍ରାପଡ଼ା |
| ୯ | ଶ୍ରୀ ସରୋଜ କାନ୍ତ ମିଶ୍ର | ନିର୍ବାହୀ ଯନ୍ତ୍ରୀ, ଆଳି ତଟ ବନ୍ଧ ବିଭାଗ, ଆଳି |
| ୧୦ | ଶ୍ରୀ ନିରଞ୍ଜନ ସ୍ୱାଇଁ | ସହାୟକ ନିର୍ବାହୀଯନ୍ତ୍ରୀ, ମହାକାଳପଡା ତଟବନ୍ଧ ଉପ ବିଭାଜନ |
| ୧୧ | ଶ୍ରୀ ପ୍ରାଣ ନାଥ ମୁଣ୍ଡା | ସହାୟକ ଯନ୍ତ୍ରୀ, ଗୋଜାବନ୍ଧ ତଟବନ୍ଧ ବିଭାଜନ |
| ୧୨ | ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାତ୍ର | ଟି.ଏଲ. କାସ୍ |
| ୧୩ | ଶ୍ରୀ ବେଣୁ ମାଧବ ସୁବୁଦ୍ଧି | ସୁପର ଭାଇଜର, କାସ |

P.T.O

Scanned by CamScanner

ସର୍ବପ୍ରଥମେ ଅଂଶଗ୍ରହଣ କରିଥିବା ସଦସ୍ୟ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ସ୍ୱାଗତ କରିଥିଲେ । ପ୍ରସ୍ତାବିତ ଆଖଡାସାହି କ୍ରୀକର ପୁନରୁଦ୍ଧାର ଏବଂ ବାହାକୁଦ ଗ୍ରାମଠାରୁ ସଂଯୋଗ ନାଳୀ ନିର୍ମାଣ ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ତଥା ସଦସ୍ୟ ମାନଙ୍କଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ମତାମତ ଲୋଡିଥିଲେ । ଉପସ୍ଥିତ ଥିବା ବିଶେଷଜ୍ଞ ତଥା ସଦସ୍ୟମାନେ ମତ ଦେଇଥିଲେ ଯେ ଉକ୍ତ ପ୍ରକଳ୍ପ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ଘଟିବ ଏବଂ ଏହାଦ୍ୱାରା କୃଷି କ୍ଷେତ୍ରରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ । ସଦସ୍ୟମାନେ ଉକ୍ତ ପ୍ରକଳ୍ପ ହେବା ସମ୍ବନ୍ଧରେ ମତ ଦେଇଥିଲେ ।

ଉପସ୍ଥିତ ଥିବା କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ଏକ୍ସପର୍ଟ ଗ୍ରୁପ (ବିଶେଷଜ୍ଞ କମିଟି)ର ସଦସ୍ୟ ମାନଙ୍କ ସହ ଆଲୋଚନା କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଅଧିଗ୍ରହଣ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଉପରୋକ୍ତ ଆଲୋଚନାର ସର୍ବଶେଷରେ ଏକ୍ସପର୍ଟ ଗ୍ରୁପ (ବିଶେଷଜ୍ଞ କମିଟି)ର ସଦସ୍ୟମାନେ ଉପନୀତ ହେଲେ ଯେ ଆଖଡାସାହି କ୍ରୀକର ପୁନରୁଦ୍ଧାର ଏବଂ ବାହାକୁଦ ଗ୍ରାମଠାରୁ ସଂଯୋଗ ନାଳି ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମନ୍ତେ ସହମତି ପ୍ରକାଶ କରିଥିଲେ ।

ସର୍ବଶେଷରେ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏବଂ ଉପସ୍ଥିତ ଥିବା ସଦସ୍ୟ/ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେବା ସହିତ ସଭା ସାଙ୍ଗ କରାଯାଇଥିଲା ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

Scanned by CamScanner

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

## (ଭୂ-ଅର୍ଜନ ବିଭାଗ, କେନ୍ଦ୍ରାପଡ଼ା)

## ବିଜ୍ଞାପନ

ସଂଖ୍ୟା ୨୯୭ ତା. ୧୦/୨/୨୦୨୨

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା 7 ର ଉପଧାରା ୧ ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ଆଖଡାସାହି କ୍ରୀକର ପୁନରୁଦ୍ଧାର ଏବଂ ବାହାକୁଦ ଗ୍ରାମଠାରୁ ସଂଯୋଗ ନାଳୀ ନିର୍ମାଣ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ର ମୂଲ୍ୟାଙ୍କନ ନିମିତ ଗଠିତ ସ୍ଵତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା-୦୮.୦୨.୨୦୨୨ ରିଖ ଅପରାହ୍ନ ୧୧.୦୦ ଘଟିକା ସମୟରେ ଜିଲ୍ଲାପାଳ କେନ୍ଦ୍ରାପଡ଼ା ଙ୍କ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ ଉପରୋକ୍ତ ଆଇନ ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥିସହିତ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ୱେବ ସାଇଟରେ ଉପଲବ୍ଧ ହେବ ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୨୯୮ ତା. ୧୦/୨/୨୦୨୨

ଏହାର ଏକକିତା ନକଲ ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୨୯୯ ତା. ୧୦/୨/୨୦୨୨

ଏହାର ଏକକିତା ନକଲ ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା / ଭୂ-ଅର୍ଜନ ଅଧିକାରୀ କେନ୍ଦ୍ରାପଡ଼ା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମହାକାଳପଡା / ତହସିଲଦାର, ମହାକାଳପଡା / ରାଜ୍ୟ ସାମାଜିକ ପ୍ରଭାବ ଆକଳନ ବିଭାଗ (State SIA Unit) ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟାଡିଜ, ଭୁବନେଶ୍ବର -୭୫୧୦୧୩ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

P.T.O

Scanned by CamScanner

ଜ୍ଞାପକ ସଂଖ୍ୟା ୩୦୦ ତା ୧୨/୨/୨୦୨୨

ଏହାର ଏକକିତା ନକଲ ତହସିଲଦାର, ମହାକାଳପଡାଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନକୁ ମୌଜା-ବାହାକୁଦର ସାର୍ବଜନୀନସ୍ଥଳୀରେ ପ୍ରକାଶନ ଜାରି କରି ଜାରୀକୃତ ନକଲ ଭୂ-ଅର୍ଜନ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାକୁ ପ୍ରେରଣ କରିବେ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୩୦୧ ତା ୧୨/୨/୨୦୨୨

ଏହାର ଏକକିତା ନକଲ ସରପଞ୍ଚ ରାମନଗର, ମହାକାଳପଡା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୩୦୨ ତା ୧୨/୨/୨୦୨୨

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା, ଭୁବନେଶ୍ୱର / ଅନୁଶାସନ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ / ଯୁଗ୍ମ ଶାସନ ସଚିବ, ସାଧାରଣ ପ୍ରଶାସନ ବିଭାଗ ଓଡିଶା ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ ସାଇଟରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୩୦୩ ତା ୧୨/୨/୨୦୨୨

ଏହାର ଏକକିତା ନକଲ ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ , କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୩୦୪ ତା ୧୨/୨/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଏନ.ଆଇ.ସି. କେନ୍ଦ୍ରାପଡ଼ାଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, କେନ୍ଦ୍ରାପଡ଼ାଙ୍କ ୱେବ ସାଇଟରେ ତୁରନ୍ତ ପ୍ରକାଶନ କରିବେ । ।

ଅତିରିକ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, କେନ୍ଦ୍ରାପଡ଼ା

Scanned by CamScanner